ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Labour & ESI(OD)/575/24-10-2025

# 'ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଡ୍' ବିଷୟରେ ସୁରକ୍ଷା ଏବଂ ଗୁଣବତ୍ତା ସମ୍ପର୍କିତ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା

ଭୁବନେଶ୍ୱର ୨୪/୧୦/୨୦୨୫

ରାଜ୍ୟରେ କାରଖାନାମାନଙ୍କରେ ଶ୍ରମିକ ସୁରକ୍ଷା ଓ ସୁରକ୍ଷିତ କାର୍ଯ୍ୟସ୍ଥଳୀ ନିର୍ମାଣକୁ ସରକାର ପ୍ରାଥମିକତା ଦେଇଆସୁଛି । ଏହାକୁ ଦୃଷ୍ଟିରେ ରଖି, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ମଞ୍ଜୁରୀକ୍ରମେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟ ପକ୍ଷରୁ ନିୟମିତ ଭାବରେ ଭିନ୍ନ ଭିନ୍ନ ସୁରକ୍ଷା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

ସେହି କ୍ରମରେ, ଆଜି ରାଜ୍ୟ ଶ୍ରମ ପ୍ରତିଷ୍ଠାନ, ଭୁବନେଶ୍ୱରର ସମ୍ମିଳନୀ କକ୍ଷରେ 'ରିଫ୍ରେଶର୍ କୋର୍ସ ଇନ୍ ଫାର୍ଷ୍ଟ ଏଡ୍' – ସୁରକ୍ଷା ଏବଂ ଗୁଣବତ୍ତା ବିଷୟରେ ଏକ ରାଜ୍ୟସ୍ତରୀୟ ତାଲିମ କର୍ମଶାଳା ଆୟୋଜିତ ହୋଇଥିଲା । ଉଦଘାଟନୀ ସଭାରେ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ସୁରକ୍ଷା) ଡଃ ମଳୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଉଦ୍‌ବୋଧନ ଦେଇ କହିଥିଲେ ଯେ, କାରଖାନାମାନଙ୍କରେ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ସର୍ବାଧିକ ଅଗ୍ରାଧିକାର ଦେବା ଆବଶ୍ୟକ । ସୁରକ୍ଷା ବିଫଳ ହେଲେ ପ୍ରାଥମିକ ଚିକିତ୍ସା ଆରମ୍ଭ ହୁଏ, ଯାହା ଜୀବନ ଓ ମୃତ୍ୟୁ ମଧ୍ୟରେ ସେତୁ ସୃଷ୍ଟି କରେ । ସମୟୋଚିତ ପ୍ରାଥମିକ ଚିକିତ୍ସା ଦ୍ୱାରା ଦୁର୍ଘଟଣାଜନିତ ମୃତ୍ୟୁର ଆଶଙ୍କା ୯୦ ଶତାଂଶ ରୁ ଅଧିକ କମି ଯାଏ ।

ତାଲିମ କର୍ମଶାଳାରେ ନିର୍ଦ୍ଦେଶାଳୟର ସହନିର୍ଦ୍ଦେଶକ (ସୁରକ୍ଷା) ଶ୍ରୀ ଅନିଲ କୁମାର ନନ୍ଦ ଓ ସହନିର୍ଦ୍ଦେଶକ (ମୁଖ୍ୟାଳୟ) ଶ୍ରୀ ପଙ୍କଜ କୁମାର ବିଶ୍ୱାଳ ମଧ ଯୋଗଦେଇ ତାଲିମ ସଞ୍ଚାଳନରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ପ୍ରତିଷ୍ଠାନ ପକ୍ଷରୁ ଭିନ୍ନ ଭିନ୍ନ ବର୍ଗର ୫୭ ଜଣ କାରଖାନା ଅଧିକାରୀ  ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟା ସମାରୋହରେ ଅଂଶଗ୍ରାହୀମାନଙ୍କୁ ପ୍ରମାଣପତ୍ର ବିତରଣ କରା ଯାଇଥିଲା ।

ଏହି କର୍ମଶାଳା ମାଧ୍ୟମରେ ଶ୍ରମିକ ସୁରକ୍ଷା, ଆପତକାଳୀନ ସଜାଗତା ଏବଂ ପ୍ରାଥମିକ ଚିକିତ୍ସା ବିଷୟରେ ସଚେତନତା ବୃଦ୍ଧି ପାଇଛି, ଯାହା ରାଜ୍ୟର ଶ୍ରମ ସୁରକ୍ଷା ଅଭିଯାନକୁ ଆଗକୁ ନେବାରେ ସାହାଯ୍ୟ କରିବ ।

ସରୋଜ କୁମାର୍ ଶତପଥୀ
ଲୋକସମ୍ପର୍କ ଅଧିକାରୀ